ସକାଳ THE SAKALA



www.sakalaepaper.com

■ ଫିରିଙ୍ଗିଆ ବ୍ଲକ୍‌ରେ ସରୁନି ଦାଦନ ଦୁଃଖ

# ଚେନ୍ନାଇରେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ଫିରିଙ୍ଗିଆ,୨୩।୬(ସମିସ): କନ୍ଧମାଳ ଜିଲ୍ଲାରେ ସରୁନି ଦାଦନ ଦୁଃଖ। କାମଧନ୍ଦା ଅଭାବରୁ ବାହାର ରାଜ୍ୟକୁ କାମ କରିବାକୁ ଯାଇ କେବଳ ଫିରିଙ୍ଗିଆ ବ୍ଲକର ବିଭିନ୍ନ ଗାଁର ୬ରୁ ଅଧିକ ଦାଦନ ଶ୍ରମିକଙ୍କ ମୃତ୍ୟୁ ହେଲାଣି। ଏହି କ୍ରମରେ ପୋଡାପଡ଼ା ଗାଁରେ ପୂର୍ବରୁ ୨ ଜଣ ଦାଦନ ଶ୍ରମିକଙ୍କ ଚେନ୍ନାଇରେ ମୃତ୍ୟୁ ହୋଇଥିବା ବେଳେ ପୁଣି ସେହି ପୋଡାପଡ଼ା ଗାଁର ଆଉଜଣେ ଦାଦନ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ସୁଗ୍ରୀବ କହଁର (୨୪)।



ସୂଚନା ଅନୁସାରେ ରତଙ୍ଗ ପଞ୍ଚାୟତ ପୋଡାପଡ଼ା ଗାଁର ସୁଗ୍ରୀବ ଚେନ୍ନାଇର ରେଡ୍‌ହିଲ ଜିଲ୍ଲାର ଆମ୍ବାତୁରରେ କାମ କରିବାକୁ ଯାଇଥିଲେ। କିଛିଦିନ ପୂର୍ବରୁ ସୁଗ୍ରୀବ ନିଜ ଘର ପୋଡାପଡ଼ାକୁ ଆସି ପୁଣି ୧୦ଦିନ ପୂର୍ବରୁ ଚେନ୍ନାଇ କାମ କରିବାକୁ ଯାଇଥିଲେ। ସୋମବାର ସକାଳେ ସୁଗ୍ରୀବଙ୍କ କାମ କରୁଥିବା ଜାଗାରେ ମୃତ୍ୟୁ ହୋଇଥିବା ପରିବାରକୁ ଖବର ଆସିଥିଲା। ଏଥିରେ ପରିବାର ଲୋକେ ଭାଙ୍ଗିପଡ଼ିଥିବା ବେଳେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସୁଗ୍ରୀବଙ୍କ କିଭଳି ମୃତ୍ୟୁ ହେଲା ତାହା ପରିବାର ଲୋକେ ଜାଣିପାରୁନାହାନ୍ତି। କେହି କେହି ଆତ୍ମହତ୍ୟା କରିଥିବା କହୁଥିବା ବେଳେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିନାହିଁ। ବାରମ୍ବାର ଏଭଳି ଦାଦନ ଦୁଃଖ ଲାଗିରହିଥିବା ବେଳେ କାମଧନ୍ଦା ଅଭାବ ଏହାର ମୁଖ୍ୟ କାରଣ ବୋଲି କୁହାଯାଉଛି। ବର୍ତ୍ତମାନ ପୁଅର ମୃତଦେହ କିପରି ଫେରିବ ସେନେଇ ପରିବାର ଲୋକ ଚିନ୍ତାରେ ରହିଛନ୍ତି। ବିଭିନ୍ନ ଜାଗାକୁ ଯାଇ ଗୁହାରି କରୁଛନ୍ତି। ଏସମ୍ପର୍କରେ ଜିଲ୍ଲା ଶ୍ରମ ଅଧିକାରୀ ବିଶ୍ୱରଞ୍ଜନ କହଁରଙ୍କୁ ପଚାରିବାରୁ ଘଟଣା ଉପରେ ଲିଖିତ ଭାବରେ ଜଣାଇଲେ ସରକାରଙ୍କ ତରଫରୁ ଯାହା ସହଯୋଗ ବ୍ୟବସ୍ଥା ଅଛି କରାଯିବ ବୋଲି କହିଛନ୍ତି।

# ବାଲିଘାଟରେ ଯୁବକଙ୍କୁ ହତ୍ୟା

## ୩ ବନ୍ଧୁଙ୍କୁ ଅଟକ ରଖି ପୁଲିସର ପଚରାଉଚରା

କାଶୀନଗର,୨୩।୬(ସମିସ)

ଗଜପତି ଜିଲ୍ଲା କାଶୀନଗର ଥାନା ଅନ୍ତର୍ଗତ ପୁରଟିଗୁଡ଼ା ଗ୍ରାମ ନିକଟସ୍ଥ ବଂଶଧାରା ନଦୀ ବାଲିଘାଟ ନିକଟରେ ପାଣିରେ ବୁଡ଼ି ହିଟାଚି ମେସିନ ଅପରେଟରଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ରାୟଗଡ଼ା ଜିଲ୍ଲା ପୁଟାସିଂ ଥାନା ଅନ୍ତର୍ଗତ ଜାଙ୍ଗଜାଙ୍ଗ ଗ୍ରାମର ଦୀପେନ୍ କାର୍ଜୀ(୨୫)। ଦୀପେନ ବହୁ ମାସ ଧରି ଏହି ବାଲିଘାଟରେ କାମ କରୁଥିବା ପରିବାର ଲୋକ କହିଥିବାବେଳେ ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି। ପୁଲିସ ଦୀପେନଙ୍କ ୩ ବନ୍ଧୁଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।

ସୂଚନା ମୁତାବକ ରବିବାର ସନ୍ଧ୍ୟାରେ କାଶୀନଗର ଥାନାକୁ ଏକ ସୂଚନା ମିଳିଥିଲା କେହିଜଣେ ଯୁବକ ପୁରଟିଗୁଡ଼ା ବାଲିଘାଟ ନିକଟରେ ପାଣିରେ ବୁଡ଼ି ନିଖୋଜ ଅଛି।



କାଶୀନଗର ଥାନା ଅଧିକାରୀ ସୁନିଲ ବେହେରା ଅଗ୍ନିଶମ ବିଭାଗ କର୍ମଚାରୀଙ୍କୁ ସୂଚନା ଦେଇ ଖୋଜାଖୋଜି କରିଥିଲେ। ହେଲେ ପାଣିରେ ବୁଡ଼ି ଯାଇଥିବା ଯୁବକଙ୍କ ସନ୍ଧାନ ମିଳି ନଥିଲା।

ପୁଣି ସୋମବାର ସକାଳ ଉଭୟ ପୁଲିସ୍ ଓ ଅଗ୍ନିଶମ କର୍ମଚାରୀ ଖୋଜାଖୋଜି କରିଥିଲେ। କିଛି ସମୟ ପରେ ଯୁବକଙ୍କ ମୃତଦେହ ମିଳିଥିଲା। ପାଣିରେ ବୁଡ଼ି ଯିବାରୁ ତାଙ୍କର ମୃତ୍ୟୁ ହୋଇଥିବା କୁହାଯାଇଛି। ମୃତ ଯୁବକଙ୍କ ପରିବାର ଲୋକେ କାଶୀନଗର ଥାନାରେ ତାଙ୍କୁ ପୁଅକୁ କେହି ହତ୍ୟା କରିଥିବା ଅଭିଯୋଗ କରିଛନ୍ତି। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପାରଳାଖେମୁଣ୍ଡି ମୁଖ୍ୟ ଚିକିତ୍ସାଳୟକୁ ପଠାଇ ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ କହିଛନ୍ତି। ମୃତ ଯୁବକଙ୍କ ପରିବାର ଲୋକେ, ପୁଲିସ, ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚିଥିଲେ ମଧ୍ୟ ବାଲିଘାଟ ମାଲିକ କିମ୍ବା ସେଥିରେ କାମ କରୁଥିବା କର୍ମଚାରୀଙ୍କ ଦେଖା ମିଳିନଥିଲା। ଫଳରେ ପରିବାର ଲୋକଙ୍କ ସନ୍ଦେହ ଘନୀଭୂତ ହୋଇଥିଲା। ଉକ୍ତ ଘଟଣାକୁ କେନ୍ଦ୍ର କରି ମୃତ ଯୁବକଙ୍କ ୩ ବନ୍ଧୁଙ୍କୁ ପୁଲିସ ପଚରାଉଚରା କରି ଅଧିକ ତଦନ୍ତ ଜାରି ରଖିଥିବା ଜଣାପଡିଛି।

# ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି



କାଶୀନଗର,୨୩।୬(ସମିସ): ଗଜପତି ଜିଲ୍ଲା କାଶୀନଗର ବ୍ଲକ କିଡିଗାଁ ପଞ୍ଚାୟତ ସମ୍ମିଳନୀ କକ୍ଷରେ ଗ୍ରାମ୍ୟ ମୁଖି ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି। ଶୁଣାଣିରେ ଜିଲ୍ଲାପାଳ ବିଜୟ କୁମାର ଦାଶ, ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଶଙ୍କର କେରକେଟା ଓ ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଅନୁପ ପଣ୍ଡା ଯୋଗ ଦେଇଥିଲେ। କିଡିଗାଁ ଗ୍ରାମ ପଞ୍ଚାୟତ ସମେତ ହାଡଭାଙ୍ଗି, ଗୋରିବନ୍ଧା ଓ ଶିଆଳି ପଞ୍ଚାୟତର ୨୨ ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ୯ ଓ ସାମୂହିକ ଅଭିଯୋଗ ୧୩ ରହିଥିଲା। ସମସ୍ତ ଅଭିଯୋଗର ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଶୁଣାଣିରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ସାମାଜିକ ସୁରକ୍ଷା, ଜମି ପଟ୍ଟା, ମନରେଗା, ଗୃହ ନିର୍ମାଣ, ରାସନକାର୍ଡ, ଶିକ୍ଷା, ଜଳସେଚନ, ସ୍ୱାସ୍ଥ୍ୟ ଓ ରାସ୍ତା ସମସ୍ୟା ଭଳି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା। ଅଭିଯୋଗ ଶୁଣାଣିରେ କାଶୀନଗର ପଞ୍ଚାୟତ ସମିତି ଅଧ୍ୟକ୍ଷା ବାଲା ସାୟମା, ବିଡିଓ ଡମ୍ବରୁଧର ମଲ୍ଲିକ, ତହସିଲଦାର ସୁଧୀର ନନ୍ଦ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ମହମ୍ମଦ ମୁବାରକ ଆଲ୍ଲୀ, ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ଅଧିକାରୀ ସନ୍ତୋଷ କୁମାର ନାୟକ, ସମସ୍ତ ଲାଇନ୍ ବିଭାଗ ଅଧିକାରୀ ଓ ସ୍ଥାନୀୟ ସରପଞ୍ଚ ଓ ଜନପ୍ରତିନିଧି ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# କଳିଙ୍ଗା ଛକରେ ସିସିଟିଭି ଲଗାଇବାକୁ ଦାବି



ଜି.ଉଦୟଗିରି,୨୩।୬(ସମିସ): ଜି.ଉଦୟଗିରି ବ୍ଲକ କଳିଙ୍ଗା ଏକ ପ୍ରମୁଖ ଛକ। ଏହା ଗଞ୍ଜାମ ଓ କନ୍ଧମାଳ ଜିଲ୍ଲାର ପ୍ରବେଶ ଦ୍ୱାର। ୧୫୭ ନମ୍ବର୍ ଜାତୀୟ ରାଜପଥ ଯାଇଥିବାରୁ ପ୍ରତ୍ୟେକ ଦିନ ଶହ ଶହ ଲୋକ ଯାତାୟାତ କରିଥାନ୍ତି। ପ୍ରତ୍ୟେକ ଦିନ ଏହି ଛକ ଦେଇ ଶହ ଶହ ବସ୍, ଟ୍ରକ୍, କାର ଓ ବାଇକ୍ ଯିବା ଆସିବା କରିବା ସହ ମାଲବାହୀ ଟ୍ରକ, ମିନି ଟ୍ରକ ଏବଂ ମିନି ବସ୍ ଚଳାଚଳ କରିଥାଏ। କନ୍ଧମାଳ ଜିଲ୍ଲା ପର୍ଯ୍ୟଟନ କ୍ଷେତ୍ରରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରୁଥିବାରୁ ବାହାର ଜିଲ୍ଲା ଓ ରାଜ୍ୟରୁ ମଧ୍ୟ ଶହ ଶହ ପର୍ଯ୍ୟଟକ କନ୍ଧମାଳ ଜିଲ୍ଲାକୁ ଆସିଥାଆନ୍ତି। ଅନେକ ସମୟରେ ଅବକାରୀ ବିଭାଗ ତରଫରୁ ଓ ପୁଲିସ ପ୍ରଶାସନ ତରଫରୁ ଗଞ୍ଜେଇ ଚାଲାଣକାରୀ ଓ ଅପରାଧୀଙ୍କୁ ଠାବ କରିବାରେ ପ୍ରଶାସନ ସଫଳ ହେଉଥିବା ବେଳେ ଆଉ କେତେକ ଖସି ଯାଉଛନ୍ତି। ପ୍ରଶାସନ ପକ୍ଷରୁ ଯାତ୍ରୀ ଓ ପର୍ଯ୍ୟଟକଙ୍କ ସୁରକ୍ଷା ଏବଂ ଅପରାଧୀଙ୍କ ଉପରେ କଡା ନଜର ରଖିବା ନିମନ୍ତେ କୌଣସି ବ୍ୟବସ୍ଥା ନ ଥିବା ଯୋଗୁ ଅପରାଧ ଘଟଣା ଏହି ଅଞ୍ଚଳରେ ବୃଦ୍ଧି ପାଉଛି। ଯଥାଶୀଘ୍ର କଳିଙ୍ଗା ଛକ ବା ୧୫୭ ନମ୍ବର୍ ଜାତୀୟ ରାଜପଥ ଉପରେ ସିସି ସିସି କ୍ୟାମେରା ଲଗାଇବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ନାବାଳିକା ଅସଦାଚରଣ ମାମଲାରେ ଅଭିଯୁକ୍ତକୁ ୫ ବର୍ଷ ଜେଲ୍

ଫୁଲବାଣୀ,୨୩।୬(ସମିସ): ଏକ ନାବାଳିକା ଅସଦାଚରଣ ମାମଲାର ଶୁଣାଣି କରି ଫୁଲବାଣୀ ପୋକ୍‌ସୋ କୋର୍ଟ ଅଭିଯୁକ୍ତକୁ ୫ ବର୍ଷ ଜେଲଦଣ୍ଡ ଆଦେଶ ଦେଇଛନ୍ତି। ଏଥିସହ ଅଭିଯୁକ୍ତକୁ ୬ ହଜାର ଟଙ୍କା ଜରିମାନା କରାଯାଇଛି। ଜରିମାନା ଅନାଦାୟ ଅଧିକ ୩ ମାସ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ଅଭିଯୁକ୍ତ ଜଣକ ହେଲେ ଖଜୁରୀପଡା ଥାନା ଅଞ୍ଚଳର ରୋହିତ ଦିଗାଲ। ଗତ ବର୍ଷ ଫେବୃଆରୀରେ ନାବାଳିକା ଜଣକ ସ୍କୁଲରୁ ଫେରୁଥିବା ସମୟରେ ଅଭିଯୁକ୍ତ ତାଙ୍କୁ ରାସ୍ତାକଡ଼ ବୁଦା ମୂଳକୁ ନେଇ ଅସଦାଚରଣ କରିଥିଲା। ପରିବାର ପକ୍ଷରୁ ଏ ନେଇ ଖଜୁରୀପଡ଼ା ଥାନାରେ ଏତଲା ପରେ ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରିଥିଲା। ଆଜି ଏହି ମାମଲାର ବିଚାର କରି ଅଦାଲତ ଉପରୋକ୍ତ ରାୟ ଶୁଣାଇଛନ୍ତି। ପୀଡିତାଙ୍କୁ କ୍ଷତିପୂରଣ ବାବଦରେ ୧ ଲକ୍ଷ ଟଙ୍କା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ଅଦାଲତ। ମାମଲାକୁ ସ୍ୱତନ୍ତ୍ର ପିପି ଅସୀମ ପ୍ରହରାଜ ପରିଚାଳନା କରୁଥିଲେ।

# ପ୍ରବଳ ବର୍ଷାରେ ବେହାଲ୍ ମୋହନା ଅଞ୍ଚଳ

ମୋହନା,୨୩।୬(ସମିସ): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଯୋଗୁ ଗଜପତି ଜିଲ୍ଲାରେ ସୋମବାର ସକାଳୁ ପ୍ରବଳ ବର୍ଷା ଲାଗିରହିଛି। ଜିଲ୍ଲାର ମୋହନା ସମେତ ଆର.ଉଦୟଗିରି, ରାମଗିରି, ଅଡବା, ଲୁହାଗୁଡ଼ି ଆଦି ଅଞ୍ଚଳରେ ବର୍ଷା ଯୋଗୁ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇଛି। ତୁହାକୁ ତୁହା ବର୍ଷା ଯୋଗୁ ପାହାଡ଼ ତଳି ଅଞ୍ଚଳରେ ବସବାସ କରୁଥିବା ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ଅନ୍ୟପଟେ ବିଭିନ୍ନ ନଦୀ ଏବଂ ନାଳର ଜଳସ୍ତର ମଧ୍ୟ ବୃଦ୍ଧି



ପାଇବାରେ ଲାଗିଛି। ପାହାଡିଆ ଅଞ୍ଚଳରେ ଥିବା ବିଭିନ୍ନ ନଦୀ ନାଳର ଜଳସ୍ତର ବୃଦ୍ଧି ଯୋଗୁ ଦୈନନ୍ଦିନ କାର୍ଯ୍ୟ ପାଇଁ ମୋହନା ଉପରେ ନିର୍ଭର କରୁଥିବା ଲୋକେ ପାହାଡିଆ ରାସ୍ତାରେ ଗମନା ଗମନ କରିବା ଏକ ପ୍ରକାର ଅସମ୍ଭବ ହୋଇପଡିଛି। ଆଗକୁ ବର୍ଷାର ପରିମାଣ ବୃଦ୍ଧି ପାଇଲେ ପାହାଡିଆ ରାସ୍ତାରେ ଭୁସ୍ଖଳନ ହେବାର ସମ୍ଭାବନା ମଧ୍ୟ ବୃଦ୍ଧି ପାଇଛି। ପ୍ରଶାସନ ଏହିପ୍ରତି ସଜାଗ ରହିବା ନିତାନ୍ତ ଆବଶ୍ୟକ ବୋଲି କୁହାଯାଇଛି।

# ପାଗଳା କୁକୁର କାମୁଡ଼ାରେ ୬ ଆହତ

ଜି.ଉଦୟଗିରି,୨୩।୬(ସମିସ): ଜି.ଉଦୟଗିରି ସହରରେ ପାଗଳ କୁକୁର ଆତଙ୍କ ଦେଖାଦେଇଛି। କୁକୁର କାମୁଡ଼ାରେ ୬ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆହତ ହେଲେଣି। ଏବେ କୁକୁର ଦେଖିଲେ ଛୋଟରୁ ବଡ଼ ସମସ୍ତେ ଭୟଭୀତ ହୋଇ ପଡୁଛନ୍ତି। ଛୋଟପିଲାଙ୍କୁ ବାହାରକୁ ଛାଡ଼ିବାକୁ ଡରୁଛନ୍ତି ଲୋକେ। ଏନ୍‌ଏସି ତରଫରୁ ଉକ୍ତ କୁକୁରକୁ କାବୁ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# କେନାଲ ରକ୍ଷଣାବେକ୍ଷଣ ପାଇଁ ବିଧାୟକଙ୍କୁ ନିବେଦନ



ପାରଳାଖେମୁଣ୍ଡି,୨୩।୬(ସମିସ): ପାରଳାଖେମୁଣ୍ଡି ବିଧାୟକ ଇଂ.ରୂପେଶ କୁମାର ପାଣିଗ୍ରାହୀ ସୋମବାର ସକାଳେ ଭୁବନେଶ୍ୱର ଯାଉଥିବା ବେଳେ ବାଟରେ ଗୁରାଣ୍ଡି ଗ୍ରାମ ନିକଟରେ ଜଣେ ଚାଷୀ ସ୍ଥାନୀୟ କେନାଲରେ ଗାଧୋଉଥିବା ଦେଖି ତାଙ୍କୁ ଭେଟି ଆଲୋଚନା କରିଥିଲେ। ଚାଷୀ ପି.ତାରକେଶ୍ୱର ରାଓ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ରକ୍ଷଣାବେକ୍ଷଣ ଅଭାବରୁ କେନାଲ ଶୋଚନୀୟ ହୋଇପଡିଛି। ପୁରୁଷ ଓ ମହିଳାଙ୍କ ପାଇଁ ଦୁଇଟି ଅଲଗା ତୁଠ ରହିଥିବା ବେଳେ ଏହାର ରକ୍ଷଣାବେକ୍ଷଣର ଆବଶ୍ୟକତା ରହିଛି। ଏଦିଗରେ ବିଧାୟକ ଶ୍ରୀ ରାଓ ପୂର୍ବରୁ ଗଜପତି ଜିଲ୍ଲାପାଳଙ୍କୁ ଅବଗତ କରିଥିଲେ। କ୍ଷୁଦ୍ର ଜଳସେଚନ ବିଭାଗକୁ ଜିଲ୍ଲାପାଳ ଏହାର ଉନ୍ନତି ଦିଗରେ ନିର୍ଦ୍ଦେଶ ଦେଇଥିଲେ। ଅଦ୍ୟାବଧି ଏ ଦିଗରେ କିଛି ଉନ୍ନତି ପରିଲକ୍ଷିତ ହୋଇନାହିଁ। କୃଷ୍ଣସାଗର ଶାଖା ଏହି କେନାଲର ସଫାସୁତୁରା କାମ ହାତକୁ ନେବାପାଇଁ ସେ ବିଧାୟକଙ୍କୁ ଅନୁରୋଧ କରିଥିଲେ।

# ଭଡ଼ାଘରେ ଅବକାରୀ ଥାନା; ନାହିଁ ସୂଚନାଫଳକ

ଦାରିଙ୍ଗବାଡି,୨୩।୬(ସମିସ): ଦାରିଙ୍ଗବାଡିରେ ଏକ ଭଡ଼ା ଘରେ ଅବକାରୀ ଥାନା ଚାଲିଛି। ଉକ୍ତ ଅବକାରୀ ଥାନା ବାହାରେ ଆଜି ପର୍ଯ୍ୟନ୍ତ କୌଣସି ସୂଚନାଫଳକ ଲାଗି ନାହିଁ। ଏଥିଯୋଗୁଁ ସାଧାରଣ ଲୋକ ଦାରିଙ୍ଗବାଡିରେ ଏକ ଅବକାରୀ ଥାନା ଅଛି ବୋଲି ଜାଣି ପାରୁନାହାନ୍ତି। ବିଭିନ୍ନ ନିଶା ବେପାର ବିଷୟରେ ସୂଚନା ଦେବାକୁ ଚାହିଁଲେ ବି ସୂଚନା କିମ୍ବା ଅଭିଯୋଗ ଦେଇ ପାରୁ ନାହାଁନ୍ତି। ଅବକାରୀ ଥାନା ଭିତରେ କେବଳ ନାମ ଫଳକ ରହିଥିବା ବେଳେ ବାହାରେ କୌଣସି ଫଳକ ନାହିଁ। ଏହି ଅବକାରୀ



ଥାନାରେ ସବୁବେଳେ ଭିତର ପଟୁ ହେଉ ଅବା ବାହାର ପଟୁ ତାଲା ଝୁଲି ରହୁଥିବା ମଧ୍ୟ ଦେଖିବାକୁ ମିଳିଛି। ଏ ସମ୍ପର୍କରେ ଅବକାରୀ ଅଧୀକ୍ଷକ ସୁଶାନ୍ତ ପାଢ଼ୀଙ୍କୁ ପଚାରିବାରୁ କାହିଁକି ସୂଚନା ଫଳକ ଲାଗି ନାହିଁ, ପଚାରି ବୁଝିବେ ବୋଲି କହିଥିଲେ।

# ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ



ଜି.ଉଦୟଗିରି,୨୩।୪(ସମିସ): ଜି.ଉଦୟଗିରି ମଣ୍ଡଳ ବିଜେପି ତରଫରୁ ଶ୍ରୀରାମପଦା ମିଶନଶକ୍ତି ଗୃହରେ ଶ୍ୟାମ ପ୍ରସାଦ ମୁଖାର୍ଜୀଙ୍କ ୧୧୯ ତମ ବଳିଦାନ ଦିବସ ପାଳିତ ହୋଇଥିଲା। ମଣ୍ଡଳ ସମ୍ପାଦକ ବିରାଜ କହଁରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମାନଗୋବିନ୍ଦ ପ୍ରଧାନ, ଜ୍ଞାନଚନ୍ଦ୍ର ପ୍ରଧାନ, ମାୟାବନ୍ଧୁ ପ୍ରଧାନ, ନବ କିଶୋର ପ୍ରଧାନ, ଅବଲକରା ପ୍ରଧାନ, ଅମର ସିଂ ନାୟକ, ରାଧାମୋହନ ପ୍ରଧାନ ଓ ବଳଭଦ୍ର ପ୍ରଧାନ ଯୋଗ ଦେଇଥିଲେ।

# ୮ ଫୁଟିଆ ଅଜଗର ଉଦ୍ଧାର

ଜି.ଉଦୟଗିରି,୨୩।୬(ସମିସ): ଜି.ଉଦୟଗିରି ନିକଟସ୍ଥ ସାକାଡ଼ି ଗ୍ରାମର ବ୍ରାଉନ୍ ପ୍ରଧାନଙ୍କ ଘରେ ଏକ ବିରାଟକାୟ ସାପ ଦେଖି ପରିବାର ଲୋକେ ଭୟଭୀତ ହୋଇ ପଡ଼ିଥିଲେ। ଏନେଇ ସ୍ନେକ୍ ହେଲ୍ପ ଲାଇନ୍‌କୁ ଖବର ଦେଇଥିଲେ। ସ୍ନେକ୍ ହେଲ୍ପଲାଇନର ରୀତି ଦଳବେହେରା ଏବଂ ଅଭୟ କୁମାର ଯୁଣ୍ଡି ପହଞ୍ଚି ଘରୁ ୮ ଫୁଟିଆ ଅଜଗର ସାପକୁ ଉଦ୍ଧାର କରି କଳିଙ୍ଗା ଘାଟି ଜଙ୍ଗଲରେ ଛାଡିଥିବା ଜଣାପଡିଛି।



# ୭୨ ୟୁନିଟ ରକ୍ତ ସଂଗ୍ରହ



ଜି.ଉଦୟଗିରି,୨୩।୬(ସମିସ): ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ପକ୍ଷରୁ ଆଜି ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ୭୨ ଜଣ ବ୍ୟକ୍ତି ରକ୍ତଦାନ କରିଥିଲେ। ଶାଖା ପରିଚାଳକ ଅନିଲ କୁମାର ମଲ୍ଲିକ ଏହାକୁ ଶୁଭାରମ୍ଭ କରିଥିଲେ। ଫୁଲବାଣୀରୁ ଟିମ୍ ଆସି ଏହାକୁ ପରିଚାଳନା କରିଥିଲେ। ସମସ୍ତ କମଚାରୀ ଏଥିରେ ସହଯୋଗ କରିଥିଲେ।

# ଅସହାୟ ଯୁବକଙ୍କ ବିବାହ କଲା ଡୁମ୍ବାଳ ପରିଷଦ

ଫିରିଙ୍ଗିଆ,୨୩।୬(ସମିସ): ଫିରିଙ୍ଗିଆ ବ୍ଲକ ଗୋଚ୍ଛାପଡ଼ାରେ ଜଣେ ଅସହାୟ ଯୁବକଙ୍କ ବିବାହ କରି ଉଦାହରଣ ପାଲଟିଛନ୍ତି କନ୍ଧମାଳ ଡୁମ୍ବାଳ ପରିଷଦ। ଗୋଚ୍ଛାପଡ଼ା କେନ୍ଦ୍ର ଡୁମ୍ବାଳ କୁଳ ସମାଜବାସୀ ଏହି ମହାନ କାମ କରିଛନ୍ତି। ଦୀର୍ଘବର୍ଷ ହେବ ଡୁମ୍ବାଳ କୁଳର ଜଣେ ଯୁବକ ସଞ୍ଜୟ ମହାକୁଡ଼(୨୩)ଙ୍କ ବାପାଙ୍କ ପରଲୋକ ଘଟିଥିବାବେଳେ ମା' ୪ ବର୍ଷରୁ ଅଧିକ ହେବ ପକ୍ଷାଘାତ ରୋଗରେ ଶଯ୍ୟାଶାୟୀ। ପରିବାରରେ ୨ ଭାଇ। ହେଲେ ବଡ଼ ଭାଇ ବିବାହ କରି ଅନ୍ୟତ୍ର ରହୁଛନ୍ତି। ସଞ୍ଜୟ ନିଜେ କଷ୍ଟ କରି ଯାହା ରୋଜଗାର କରନ୍ତି ଦୁଇ ଓଳି ଦୁଇ ମୁଠା ପେଟକୁ ଭଲରେ ଦାନା ଅଣ୍ଟେ ନାହିଁ। ଯାହା ରୋଜଗାର ହେଉଛି ତାହା ମା'ଙ୍କ ଚିକିତ୍ସା ପାଇଁ ନିଅଣ୍ଟ। ଫଳରେ ଅସହାୟ ସଞ୍ଜୟକୁ ସହଯୋଗ କରିବାକୁ ଅଣ୍ଟା ଭିଡ଼ିଥିଲା ଡୁମ୍ବାଳ କୁଳ ସମାଜ ଗୋଚ୍ଛାପଡ଼ା କେନ୍ଦ୍ର। କେନ୍ଦ୍ର ସଭାପତି ବିଶ୍ୱାମିତ୍ର ମହାକୁଡ଼, ସମ୍ପାଦକ



ଜଳନ୍ଧର ମହାକୁଡ଼, ରାଜ୍ୟ ସଂଯୋଜକ କୃଷ୍ଣଚନ୍ଦ୍ର ମହାକୁଡ଼ ଏବଂ କିଛି ବରିଷ୍ଠ କର୍ମକର୍ତ୍ତାଙ୍କୁ ନେଇ ଆଲୋଚନା କରିବା ପରେ ସଞ୍ଜୟ ପାଇଁ ଏକ ଝିଅ କାଶିନୀପଦର ପଞ୍ଚାୟତ ଜିରିସୀ ଗାଁରେ ଦେଖିଥିଲେ। ପରେ ଉଭୟ ପରିବାରଙ୍କ ମଧ୍ୟରେ ଆଲୋଚନା ପରେ ଜିରିସୀ ଗାଁର ଲିଙ୍ଗରାଜ ଅମାତ ନିଜ ଝିଅକୁ ସଞ୍ଜୟକୁ ବିବାହ ଦେବାକୁ ରାଜି ହୋଇଥିଲେ। ସୋମବାର ଗୋଚ୍ଛାପଡ଼ାରେ ପୂଜା ପାଉଥିବା ଡୁମ୍ବାଳ କୁଳର ଇଷ୍ଟଦେବୀ ମା' ମାହେଶ୍ୱରୀଙ୍କ ମନ୍ଦିର ପ୍ରାଙ୍ଗଣରେ ଡୁମ୍ବାଳକୁଳ ଗୋଚ୍ଛାପଡ଼ା କେନ୍ଦ୍ରର ୧୬୫ ଘରର ଶତାଧିକ କୁଳ ସମାଜବାସୀଙ୍କ ଉପସ୍ଥିତିରେ ବିବାହ ହୋଇଥିଲା। ପୁରୋହିତ ନାମେଶ୍ୱର ମିଶ୍ର ଓ ମନ୍ଦିର ପୂଜକ କର୍ଣ୍ଣ ମହାକୁଡ଼ଙ୍କ ଉପସ୍ଥିତରେ ସଞ୍ଜୟ ମହାକୁଡ଼ଙ୍କ ସହ ରିଙ୍କି ଅମାତଙ୍କ ବିବାହ କରାଯାଇଥିଲା। ବିବାହ କାର୍ଯ୍ୟକ୍ରମରେ ଡୁମ୍ବାଳ କୁଳ ସମାଜବାସୀଙ୍କ ସହ ବରିଷ୍ଠ ବ୍ୟକ୍ତି ଏବଂ ଅଞ୍ଚଳର କିଛି ଜନସାଧାରଣ ଉପସ୍ଥିତ ରହି ବରକନ୍ୟାଙ୍କୁ ଆଶୀର୍ବାଦ କରିଥିଲେ। ଯଶୋବନ୍ତ ମହାକୁଡ଼, ରଘୁନାଥ ମହାକୁଡ଼, ସୁର ବନ୍ତ ମହାକୁଡ଼, ମାଧବ ପ୍ରଧାନ, ସ୍ୱପ୍ନେଶ୍ୱର ମହାକୁଡ଼, ସୌଦାମିନୀ ଦନ୍ତା, ଶାନ୍ତି ମହାକୁଡ଼ଙ୍କ ସହ ସମାଜର ବହୁ ବରିଷ୍ଠ କର୍ମକର୍ତ୍ତା ସହଯୋଗରେ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥିଲା।

# ଶ୍ରୀକୃଷ୍ଣଚନ୍ଦ୍ର ଗଜପତିଙ୍କ ଐତିହ୍ୟ ସ୍ମାରକୀ ସମ୍ପର୍କରେ ଆଲୋଚନାଚକ୍ର



ପାରଳାଖେମୁଣ୍ଡି,୨୩।୬(ସମିସ): ପାରଳାଖେମୁଣ୍ଡି ମହାରାଜା ଶ୍ରୀକୃଷ୍ଣଚନ୍ଦ୍ର ଗଜପତିଙ୍କ ଐତିହ୍ୟ ସ୍ମାରକୀ ସମ୍ପର୍କରେ ଏକ ଆଲୋଚନାଚକ୍ର ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାରଳଖେମୁଣ୍ଡିର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପଦକ୍ଷେପ ପାଇଁ କୃତଜ୍ଞତା ଜ୍ଞାପନ କରିଥିଲେ। ଆଗାମୀ ୨୮ ତାରିଖ ଦିନ ଗଜପତି ଭିଜନ ଡକ୍ୟୁମେଣ୍ଟର ପ୍ରସ୍ତୁତି ନିମନ୍ତେ କ୍ରିୟାନୁଷ୍ଠାନ କମିଟି ଗଠନ ସକାଶେ ପୌରପାଳିକା ସଂଲଗ୍ନ ଅଞ୍ଚଳର ବ୍ୟକ୍ତି ବିଶେଷଙ୍କୁ ଉକ୍ତ ସଭାରେ ଉପସ୍ଥିତ ରହି ନିଜର ମତାମତ ପ୍ରଦାନ କରିବାକୁ ନିବେଦନ କରାଯାଇଥିଲା। ଏହି ଆଲୋଚନାଚକ୍ରରେ ଭାରତ ଭୂଷଣ ମହାନ୍ତି, ଅଶ୍ୱିନୀ ପାଢୀ, ବିଚିତ୍ରାନନ୍ଦ ବେବର୍ତ୍ତା, ବିନୋଦ ଚନ୍ଦ୍ର ଜେନା, ଡ.କଲ୍ୟାଣୀ ମିଶ୍ର, ଅରୁପାଞ୍ଜଳି ମହାନ୍ତି, ଶୁଭ୍ରା ପଟ୍ଟନାୟକ, ଅଧ୍ୟାପିକା ଅଞ୍ଜନା ପଟ୍ଟନାୟକ, ସ୍ନିଗ୍ଧା ମିଶ୍ର, ପ୍ରମୋଦ ପାଢୀ, ରାମଚନ୍ଦ୍ର ପାଢୀ, ଶ୍ୟାମସୁନ୍ଦର ଗନ୍ତାୟତ, ଅରକ୍ଷିତ ଜେନା, ସଚ୍ଚି ସାମଲ ଓ ତ୍ରିପତି ପଣ୍ଡାଙ୍କ ସମେତ ବହୁ ବ୍ୟକ୍ତି ଯୋଗ ଦେଇଥିଲେ।

# କୁଲାଡ଼ ରଥଯାତ୍ରା ପାଇଁ ପ୍ରଶାସନର ପ୍ରସ୍ତୁତି ଚୂଡ଼ାନ୍ତ



**ଭଞ୍ଜନଗର, ୨୩।୬(ସମିସ):** ଘୁମୁସର ଅଞ୍ଚଳର ଭଞ୍ଜ ରାଜବଂଶୀୟ ପ୍ରସିଦ୍ଧ କୁଲାଡ଼ ଜଗନ୍ନାଥ ମନ୍ଦିରରେ ଶ୍ରୀଜିଉଙ୍କ ରଥଯାତ୍ରା ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଚତୁର୍ଦ୍ଧାମୂର୍ତ୍ତିଙ୍କ ଅଣସର କାର୍ଯ୍ୟ ଏବଂ ଠାକୁରଙ୍କ ରଙ୍ଗ କାମର ସମୀକ୍ଷା କରିବା ସହ ଯାତ୍ରାରେ ଆବଶ୍ୟକୀୟ ପୂଜା ସାମଗ୍ରୀ, ପିତଳ ଘଣ୍ଟର ମରାମତି, ରଥ କପଡ଼ା, ପହଣ୍ଡି ନିମନ୍ତେ ଘୋଡ, ସଂକୀର୍ତ୍ତନ ମଣ୍ଡଳୀ ମାନଙ୍କ ନିମନ୍ତେ ପ୍ରସାଦ ହାଟୁଆ ଉପହାର, ନିମନ୍ତ୍ରଣ ବଣ୍ଟନ ପ୍ରଭୃତି କାର୍ଯ୍ୟକ୍ରମ ଉପରେ ପ୍ରଶାସନ ପକ୍ଷରୁ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଛି। ରଥ ନିର୍ମାଣ, ପାର୍ଶ୍ୱ ଦେବତା ଓ ରଥକୁ ରଙ୍ଗଦିଆ କାମ ସକାଶେ ମହାରଣା ଓ କାରିଗରଙ୍କ ସହ ଆଲୋଚନା କରି ଆବଶ୍ୟକ ସରଞ୍ଜାମ ଯୋଗାଇ ଦିଆଯାଇଛି। ଚଳିତବର୍ଷ ରଥ ନିର୍ମାଣ ନେଇ ୨୮ ଖଣ୍ଡ କାଠ ଆସିଛି ସେଥିରେ କାମ ଜୋରସୋର୍ ଚାଲିଥିବା ଅତିରିକ୍ତ ତହସିଲଦାର ଅବିନାଶ ମାହାର ସୂଚନା ଦେଇଥିଲେ। ଅନ୍ୟପକ୍ଷରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବାକୁ ପୁଲିସ ପ୍ରଶାସନ ସହ ଏନସିସି ରେଡକ୍ରସ୍ କ୍ୟାଡେଟଙ୍କ ସହ ସ୍ୱେଚ୍ଛାସେବୀମାନଙ୍କୁ ନିମନ୍ତ୍ରଣ ପାଇଁ ଆଲୋଚନା ହୋଇଥିଲା। ଶ୍ରଦ୍ଧାଳୁଙ୍କ ପାଇଁ ବିଭିନ୍ନ ସ୍ଥାନରେ ପିଇବା ପାଣି ସହ ଶୃଙ୍ଖଳା ଓ ଅନୁସଙ୍ଗିକ ବ୍ୟବସ୍ଥା କରାଯିବାକୁ ଆଲୋଚନା ହୋଇଥିବା ବେଳେ ରୀତିନୀତି ସମାପନ ପାଇଁ ମନ୍ଦିର ପୂଜକଙ୍କ ସହ ସମନ୍ୱୟ ରକ୍ଷା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଆଲୋଚନାରେ ରାଜସ୍ୱ ନିରୀକ୍ଷକ ଭଗବାନ ବେହେରା, ଅମିନ ଟୁକୁନୁ ପ୍ରଧାନ, ପୂଜକ ବାପି ପଣ୍ଡା ଓ ଚିରଞ୍ଜୀବ ପାଢ଼ୀ, ତ୍ରିନାଥ ମହାରଣା, ପିଣ୍ଟୁ ସେଠି ଉପସ୍ଥିତ ରହିଥିଲେ।

# ବନ୍ଦ ବିଦ୍ୟାଳୟ ପାଲଟିଛି ନିଶାଡ଼ିଙ୍କ ଆଡ୍ଡାସ୍ଥଳ

କାଶୀନଗର, ୨୩।୬(ସମିସ)




ବିଦ୍ୟାଳୟ ମିଶ୍ରଣ ପରେ କାଶୀନଗର ଏନ୍ଏସିର କେତେକ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବନ୍ଦ ହୋଇଯାଇଥିଲା। ବର୍ତ୍ତମାନ ସେଗୁଡିକ କୌଣସି କାର୍ଯ୍ୟରେ ବ୍ୟବହାର ନହୋଇ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ୧୯୭୬ ମସିହାରେ ସ୍ଥାପିତ ବ୍ଲକ କଲୋନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରକ୍ଷଣାବେକ୍ଷଣ ଅଭାବରୁ କ୍ରମଶଃ ସୌନ୍ଦର୍ଯ୍ୟ ହରାଇ ନଷ୍ଟ ହୋଇଯାଉଥିବା ବେଳେ ଏହାଏବେ ନିଶାଡ଼ିଙ୍କ ଆଡ୍ଡାସ୍ଥଳ ପାଲଟିଛି। ସଚେତନ ନାଗରିକ ଏହାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି।

ସୂଚନା ଯୋଗ୍ୟ ଯେ, ହାରାମଣି ରାଜଗୁରୁ ପ୍ରଧାନ ଶିକ୍ଷୟିତ୍ରୀ ଥିବାବେଳେ ଡିପିଇପି, ଏସ୍ଏସ୍ଏ ସହାୟତାରେ ଉକ୍ତ ବିଦ୍ୟାଳୟର ବିକାଶ ଓ ସୌନ୍ଦର୍ଯ୍ୟକରଣ ପାଇଁ ବହୁ କାର୍ଯ୍ୟ କରିଥିଲେ। ଭଲ ପାଠ ପଢ଼ା ଯାଉଥିବା ଏକ ଶିକ୍ଷାନୁଷ୍ଠାନ ରୂପେ ସେତେବେଳେ ଉକ୍ତ ବିଦ୍ୟାଳୟର ସୁଖ୍ୟାତି ବି ରହିଥିଲା। ତେଣୁ ସ୍ଥାନୀୟ ବାରଣାସୀ ସରକାରୀ ଉଚ୍ଚ ବିଦ୍ୟାଳୟ ସହ ଏହାର ମିଶ୍ରଣକୁ ସମ୍ପୃକ୍ତ ପିତାମାତା, ଅଭିଭାବକ, ପରିଚାଳନା କମିଟି ବିରୋଧ କରିଥିଲେ। ତେବେ ପ୍ରଶାସନ ତା' ଉପରେ ଗୁରୁତ୍ୱ ଦେଇ ନଥିଲା। ବର୍ତ୍ତମାନ ବ୍ଲକ କଲୋନୀ ପରିସରରେ ଥିବା ଉକ୍ତ ବିଦ୍ୟାଳୟର ତିନୋଟି ଦୁଇ ମହଲା ଓ ଏକାଧିକ ଏକ ମହଲା ଶ୍ରେଣୀଗୃହ କୌଣସି କାର୍ଯ୍ୟରେ ଲାଗୁନାହିଁ। ଶ୍ରେଣୀଗୃହ ଗୁଡ଼ିକର ବାରଣ୍ଡା ଓ ଆଖପାଖ ନିଶାଡ଼ିଙ୍କ ଆଡ୍ଡା ସ୍ଥଳ ପାଲଟିଛି। ଗୋଟିଏ ଶ୍ରେଣୀଗୃହରେ ମିଶନ ଶକ୍ତି ପକ୍ଷରୁ ମାତ୍ର କିଛିଦିନ ପାଇଁ ଏକ ସିଲେଇ ତାଲିମ କେନ୍ଦ୍ର ଖୋଲିଥିଲା। ଜଣେ ରାତି ଜଗୁଆଳ ବି ସେଥିପାଇଁ ନିଯୁକ୍ତି ପାଇଥିଲେ। କିନ୍ତୁ ହଠାତ୍ ତାହା ବନ୍ଦ ହୋଇଗଲା। ମିଶ୍ରଣ ପରେ ଅବ୍ୟବହୃତ ହୋଇ ପଡ଼ିଥିବା ଅନ୍ୟ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡ଼ିକର ଅବସ୍ଥା ବି ଶୋଚନୀୟ। ବୁଦ୍ଧିଜୀବୀ କରଦାତାଙ୍କ ଅର୍ଥର ଏହା ଖୋଲାଖୋଲି ଅପଚୟ ବୋଲି କହିଥିବା ବେଳେ ଏନ୍ଏସି ଉଲ୍ଲିଖିତ ପରିତ୍ୟକ୍ତ ଶିକ୍ଷାନୁଷ୍ଠାନ ଗୁଡ଼ିକର ସଦୁପଯୋଗ ନିମନ୍ତେ ତୁରନ୍ତ ପଦକ୍ଷେପ ନେବା ଉଚିତ ବୋଲି ମତ ପ୍ରକାଶ ପାଇଛି।

# ପୂର୍ବତନ ବିଧାୟକ ବିଶ୍ୱନାଥ ସାହୁଙ୍କ ଜନ୍ମ ଶତବାର୍ଷିକୀ ସମାରୋହ



**ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧନା**

**ଦିଗପହଣ୍ଡି, ୨୩।୬(ସମିସ):** ପୂର୍ବତନ ବିଧାୟକ ସ୍ୱର୍ଗତ ବିଶ୍ୱନାଥ ସାହୁଙ୍କ ଜନ୍ମ ଶତବାର୍ଷିକୀ କମିଟି ପକ୍ଷରୁ ରବିବାର ଦିଗପହଣ୍ଡି ସ୍ଥିତ ଶ୍ରୀ ଚନ୍ଦ୍ରଚୂଡ଼େଶ୍ୱର ଶୈବପୀଠ ସଭାମଣ୍ଡପରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ବିଶ୍ୱନାଥ ସାହୁଙ୍କ ପୁତ୍ର ତଥା ସମଦୃଷ୍ଟି ପତ୍ରିକାର କାର୍ଯ୍ୟନିର୍ବାହୀ ସମ୍ପାଦକ ବିଘ୍ନେଶ୍ୱର ସାହୁଙ୍କ ଉପସ୍ଥିତିରେ କବି ବୃନ୍ଦାବନ ପଣ୍ଡାଙ୍କ ଆବାହକତ୍ୱ ଏବଂ ପତ୍ରିକା 'ସବୁଜ ପତ୍ର' ସମ୍ପାଦକ କୁରେଶୁ ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ ସଭାରେ ବିଶିଷ୍ଟ ଚାଷୀ ନେତା ଶମ୍ଭୁ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ବରିଷ୍ଠ ଆଇନଜୀବୀ ତଥା ସମାଜ ବିଜ୍ଞାନୀ ଭଗବାନ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଶ୍ୱନାଥ ସାହୁଙ୍କ ସ୍ମୃତିଚାରଣ କରିଥିଲେ।

ଦିଗପହଣ୍ଡି ଏନ୍ଏସି ଅଧ୍ୟକ୍ଷ ପ୍ରଫୁଲ୍ଲ ପଣ୍ଡା, ସିପିଆଇ(ଏମ୍) ନେତା କୈଳାସ ଷଡ଼ଙ୍ଗୀ, ଖେମୁଣ୍ଡି ଓକିଲ ସଂଘ ସଭାପତି ହୃଦୟ ରଞ୍ଜନ ମେକାପ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ଜିଲ୍ଲା ପରିଷଦ ସଦସ୍ୟ ବିପିନ ଚନ୍ଦ୍ର ପ୍ରଧାନ, ସାନଖେମୁଣ୍ଡି ବ୍ଲକ ପୂର୍ବତନ ଅଧ୍ୟକ୍ଷ ଅନ୍ତର୍ଯ୍ୟାମୀ ସ୍ୱାଇଁ, ଅବସରପ୍ରାପ୍ତ କର୍ମଚାରୀ ସଂଘର ପ୍ରାକ୍ତନ ସଭାପତି ହରିକୃଷ୍ଣ ପଣ୍ଡା, ଫରୱାର୍ଡ ବ୍ଲକ ଗଞ୍ଜାମ ଜିଲା ସଭାପତି ବିଭୁଧେନ୍ଦ୍ର ପାଢ଼ୀ, ଅବସରପ୍ରାପ୍ତ ବ୍ଲକ ଶିକ୍ଷାଧିକାରୀ ଲିଙ୍ଗରାଜ ସ୍ୱାଇଁ, ଦିଗପହଣ୍ଡି ପ୍ରେସ୍‌କ୍ଲବ ସଭାପତି ଅଶେଷ ନାଥ ମିଶ୍ର, ଭାରତୀୟ ସାଂସ୍କୃତିକ ସହଯୋଗ ଓ ମୈତ୍ରୀ ସମିତିର ଜିଲ୍ଲା ସଭାପତି ହରପ୍ରସାଦ ରଥ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ପୂର୍ବତନ ବିଧାୟକ ସ୍ୱର୍ଗତ ବିଶ୍ୱନାଥ ସାହୁଙ୍କ ଜୀବନାଦର୍ଶ ସମ୍ପର୍କରେ ଅତିଥିବୃନ୍ଦ ଉଦ୍‌ବୋଧନ ଦେଇଥିଲେ।

ଶତବାର୍ଷିକୀ କମିଟି ପକ୍ଷରୁ ଶମ୍ଭୁ ପଣ୍ଡା, ଶୋଭାଚନ୍ଦ୍ର ଷଡ଼ଙ୍ଗୀ, ସୋମନାଥ ଦାସ ଶର୍ମା, ବିଦ୍ୟାଧର ମହାପାତ୍ର, କୈଳାସ ଷଡଙ୍ଗୀ, ଅନ୍ତର୍ଯ୍ୟାମୀ ସ୍ୱାଇଁ, ଅନନ୍ତ ମହାକୁଡ଼, ଅଶ୍ୱିନୀ କୁମାର ଦାସ, ହରପ୍ରସାଦ ଆଚାରୀ, ତ୍ରିନାଥ ପ୍ରଧାନ, ବିଶ୍ୱନାଥ ବରାଡ଼, ଗୋପାଳ ପାଣିଗ୍ରାହୀ, ନରସିଂହ ଜେନା ଏବଂ ନିକଟରେ ରାଷ୍ଟ୍ରପତିଙ୍କ ଠାରୁ ପୁରସ୍କାର ପାଇଥିବା ଛାତ୍ରୀ ପ୍ରଜ୍ଞାରାଣୀ ପଣ୍ଡାଙ୍କୁ ପ୍ରଶସ୍ତି ପତ୍ର ସହ ଉପଢୌକନ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ସମାରୋହର ଦ୍ୱିତୀୟ ଅଧିବେଶନରେ କବି ଲିଙ୍ଗରାଜ ପୂଜାରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କବିତା ପାଠୋତ୍ସବରେ ବିଘ୍ନେଶ୍ୱର ସାହୁ, କବି ତଥା ଆଇନଜୀବି ଲକ୍ଷ୍ମୀନାରାୟଣ ଦାସ, ପତ୍ରିକା ସମ୍ପାଦକ କୁରେଶୁ ପଣ୍ଡା ଅତିଥି ଭାବେ ମଞ୍ଚାସିନ ଥିଲେ। କବି ଲକ୍ଷ୍ମୀନାରାୟଣ ଦାସ ଏବଂ ପୀତବାସ ତ୍ରିପାଠୀଙ୍କ ମିଳିତ ସଂଯୋଜନାରେ ବହୁ କବୟିତ୍ରୀ ଏବଂ କବି କବିତା ପାଠ କରିଥିଲେ। ଶେଷରେ ସମସ୍ତ କବୟିତ୍ରୀ ଏବଂ କବିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ମାନବ ସେବା ସମିତି ପକ୍ଷରୁ ସ୍ୱାସ୍ଥ୍ୟ ଓ ଚକ୍ଷୁ ଶିବିର



**ଆସିକା, ୨୩।୬(ସମିସ):** ସ୍ଥାନୀୟ ମାନବ ସେବା ସମିତି ପକ୍ଷରୁ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧ ଦିବସରେ ମାଗଣା ସ୍ୱାସ୍ଥ୍ୟ ଓ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ହରିହର ହାଇସ୍କୁଲ ପରିସରରେ ଆସିକା ସବ୍‌ଡିଭିଜନ ହସ୍ପିଟାଲର ଅଧୀକ୍ଷକ ଡାକ୍ତର ବାଲ୍ ଗୋପାଳ ବେହେରାଙ୍କ ସଂଯୋଜନାରେ ବରିଷ୍ଠ ଶିଶୁ ବିଶେଷଜ୍ଞ ଡ଼ା. ଦୀପକ କୁମାର ସାମନ୍ତରା, ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରର ଭେଷଜ ବିଶେଷଜ୍ଞ ଡ଼ା. ଭାଗବତ ପ୍ରସାଦ ବିଷୋୟୀ ଯୋଗଦେଇ ବହୁ ବରିଷ୍ଠ ନାଗରିକ ଓ ମହିଳାଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରିଥିଲେ। ଚକ୍ଷୁ ପ୍ରଯୁକ୍ତିକ ମୋହିନୀ ପଣ୍ଡନ୍, ବଳରାମ ଜେନା, ରାକେଶ ଦାସ, ନିରଞ୍ଜନ ସାହୁ ପ୍ରମୁଖ ଯୋଗଦେଇ ଚକ୍ଷୁ ପରୀକ୍ଷା କରି ଆବଶ୍ୟକସ୍ଥଳେ ମାଗଣା ଚଷମା ବଣ୍ଟନ କରିବା ସହ ଚକ୍ଷୁ ପରଳର ମାଗଣା ଅସ୍ତ୍ରୋପଚାର ନେଇ ସୁପାରିଶ କରିଥିଲେ। ଆସିକା ସବ୍‌ଡିଭିଜନ ହସ୍ପିଟାଲର ନର୍ସିଂ ଅଫିସର ସମେତ ଫାର୍ମାସିଷ୍ଟ ପି.କେଦାର ପାତ୍ର ଶିବିରାର୍ଥୀଙ୍କୁ ମାଗଣା ଔଷଧ ବଣ୍ଟନର ତଦାରଖ କରିଥିଲେ। ଶିବିରରେ ବହୁ ବ୍ୟକ୍ତିଙ୍କ ମାଗଣା ଚିକିତ୍ସା କରାଯାଇ ପରାମର୍ଶ ଓ ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ମାନବ ସେବା ସମିତିର ସଭାପତି ଗଣେଶ ରଥ, ଦିଲୀପ କୁମାର ପାଣିଗ୍ରାହୀ, ଚିରଞ୍ଜିବି ଆଚାରୀ, ସନ୍ତୋଷ ପାଣିଗ୍ରାହୀ, ସୁରି ବିଷୋୟୀ, ଦୁର୍ଗା ପ୍ରସାଦ ପଣ୍ଡା ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ଶେଷ ପର୍ଯ୍ୟାୟରେ ରଥ ନିର୍ମାଣ



**ଫିରିଙ୍ଗିଆ, ୨୩।୬(ସମିସ):** ଫିରିଙ୍ଗିଆ ଶଙ୍ଖକ୍ଷେତ୍ରରେ ରଥ ନିର୍ମାଣ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଚଳିତ ବର୍ଷ ରଥଯାତ୍ରା ପାଇଁ ସଭାପତି ଭାବରେ ବାଳକୃଷ୍ଣ କୁଣ୍ଡି ଏବଂ ସମ୍ପାଦକ ଭାବରେ କଂସ ଦେବ ସାହୁ ଦାୟିତ୍ୱ ନେଇଛନ୍ତି। ଫିରିଙ୍ଗିଆ ବ୍ଲକର ୫ ସ୍ଥାନରେ ରଥଯାତ୍ରା ହେବ। ଫିରିଙ୍ଗିଆକୁ ଶଙ୍ଖକ୍ଷେତ୍ର ଭାବରେ ନାମିତ କରାଯାଇ ପ୍ରତି ବର୍ଷ ମହାଆଡମ୍ବରରେ ରଥଯାତ୍ରା ପାଳନ କରାଯାଉଛି। ରଥ ନିର୍ମାଣ କାମ ଶେଷ ପର୍ଯ୍ୟାୟରେ ପହଞ୍ଚି ଥିବାବେଳେ କମିଟି ତରଫରୁ ମଧ ସରସ ସୁନ୍ଦର ପାଇଁ ଚେଷ୍ଟା କରାଯାଉଛି। ରଥ ନିର୍ମାଣ ଦାୟିତ୍ୱ ଫିରିଙ୍ଗିଆର ଜଣାଶୁଣା ଓ ଦକ୍ଷ କାଠ କାରିଗର ସୀମାଞ୍ଚଳ ମହାରଣା ନେଇଛନ୍ତି। ପ୍ରତିଦିନ ୮ ରୁ ୧୦ ଜଣ କାରିଗର କାମରେ ଲାଗିଛନ୍ତି। ଚଳିତ ବର୍ଷ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରିବାକୁ କମିଟି ତରଫରୁ ପ୍ରୟାସ ଚାଲିଛି। ଏହି କାର୍ଯ୍ୟକୁ ପୂର୍ବତନ ମନ୍ତ୍ରୀ ତଥା ବିଜେଡି ଜିଲ୍ଲା ସଭାପତି ପଦ୍ମନାଭ ବେହେରାଙ୍କ ସହ ଅଞ୍ଚଳର କିଛି ବରିଷ୍ଠ ସଦସ୍ୟ ତଦାରଖ କରୁଛନ୍ତି।

# କୂର୍ମୀ କ୍ଷତ୍ରିୟ ସମାଜର ପୂର୍ଣ୍ଣାଙ୍ଗ ବୈଠକ



**ଜଗନ୍ନାଥପ୍ରସାଦ, ୨୩।୬(ସମିସ):** ଜଗନ୍ନାଥପ୍ରସାଦ ବ୍ଲକ ଅନ୍ତର୍ଗତ ଛାମୁଣ୍ଡା କୁଳ ଗୃହରେ ନିଖିଳ ଉତ୍କଳ କୂର୍ମି କ୍ଷତ୍ରିୟ ସମାଜ, ଛାମୁଣ୍ଡା ଅଞ୍ଚଳ ତରଫରୁ ପୂର୍ଣ୍ଣାଙ୍ଗ ବୈଠକ ସଭାପତି ଅକ୍ଷୟ ଦଳବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦେଶ ସଭାପତି ସୂର୍ଯ୍ୟନାରାୟଣ ପ୍ରଧାନ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ବାର୍ଷିକ ବିବରଣୀ ପଠନ କରିଥିଲେ ଅଞ୍ଚଳ ସମ୍ପାଦକ ବଂଶୀଧର ନାୟକ। କୁଳାଧିକାରି ଅନ୍ତର୍ଯ୍ୟାମୀ ପ୍ରଧାନ, ପ୍ରଦେଶ ସଭ୍ୟ ସୂର୍ଯ୍ୟନାରାୟଣ ନାୟକ, ବାଇଧର ନାୟକ, ବଂଶୀଧର ନାୟକ, ସହ ସମ୍ପାଦକ ସୁଶାନ୍ତ କୁମାର ପ୍ରଧାନ, କୋଷାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ସାଂଗଠନିକ ସମ୍ପାଦକ ଓମ୍ ପ୍ରକାଶ ପ୍ରଧାନ ଓ ୭୨ ଗ୍ରାମର କୂର୍ମୀ କ୍ଷତ୍ରିୟ ଗ୍ରାମ୍ୟ ସଭାପତି ଓ ସମ୍ପାଦକମାନେ ଯୋଗ ଦେଇଥିଲେ। ଶେଷରେ ଉପସଭାପତି ଶ୍ରୀଯୁକ୍ତ ଉପେନ୍ଦ୍ର ଭଞ୍ଜ ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଛାମୁଣ୍ଡା ଗାଁ ସଭାପତି ଧବଳେଶ୍ୱର ପ୍ରଧାନ ଓ ଉପ ସଭାପତି ସୁଶାନ୍ତ କୁମାର ପ୍ରଧାନ ସମେତ ଅନ୍ୟମାନେ ସହଯୋଗ କରିଥିଲେ।

# କୁମ୍ଭୀର ସଂରକ୍ଷଣ ପ୍ରକଳ୍ପର ସୁବର୍ଣ୍ଣ ଜୟନ୍ତୀ

**ଦିଗପହଣ୍ଡି, ୨୩।୬(ସମିସ):** ଦିଗପହଣ୍ଡି ବନାଞ୍ଚଳ ପକ୍ଷରୁ ଘୋଡ଼ାହାଡ ଡ୍ୟାମ ସ୍ଥିତ କୁମ୍ଭୀର ସଂରକ୍ଷଣ ପ୍ରକଳ୍ପର ୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଘୋଡାହାଡ ଡ୍ୟାମ ପର୍ଯ୍ୟଟନ ସ୍ଥଳୀ ନିକଟରେ ଦିଗପହଣ୍ଡି ରେଞ୍ଜର



ଦିବ୍ୟ ରଞ୍ଜନ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଉତ୍ସବରେ ଖମାରିଗାଁ ସରପଞ୍ଚ ପ୍ରତିନିଧି ଚିତ୍ରସେନ ଗୌଡ଼, ବୁରୁବନ୍ଧ ଗ୍ରାମ ବନ ସୁରକ୍ଷା ସମିତି ସଭାପତି ବୃନ୍ଦାବନ ନାୟକ, ଗଞ୍ଜାମ କଲେଜ ପ୍ରାଣୀ ବିଜ୍ଞାନ ଅଧ୍ୟାପକ ମହେନ୍ଦ୍ର ସେଠୀ, ପରିବେଶବିତ୍ ଡା. ଶଙ୍କର ବେଜଙ୍କ ସମେତ ଦିଗପହଣ୍ଡି ବନପାଳ ସନ୍ତୋଷ କୁମାର ବିଶୋୟୀରତ୍ନ ଓ ଅନ୍ୟ ସମସ୍ତ ବନପାଳ, ବନରକ୍ଷୀ ତଥା ସ୍ଥାନୀୟ ଅଞ୍ଚଳ ବାସିନ୍ଦା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ମଞ୍ଚାସୀନ ଅତିଥିବୃନ୍ଦ କୁମ୍ଭୀର ସଂରକ୍ଷଣ ଓ ଏହାର ସୁରକ୍ଷା ଏବଂ ପ୍ରକୃତି ପାଇଁ ଅବଦାନ ସମ୍ପର୍କରେ ଆଲୋକପାତ କରିଥିବା ବେଳେ ସଭା ପୂର୍ବରୁ ଏକ ସଚେତନତା ଶୋଭାଯାତ୍ରା ବୁରୁବନ୍ଧ ଗ୍ରାମ ପରିକ୍ରମା କରିଥିଲା।

# ପାଲୁର ଜଙ୍କ୍ସନ୍ ଓଭରବ୍ରିଜ୍ ରାସ୍ତାରେ ବିଶାଳ ଗର୍ତ୍ତ



**ରମ୍ଭା, ୨୩।୬(ସମିସ):** ୧୬ନଂ ଜାତୀୟ ରାଜପଥ ପାଲୁର ଜଙ୍କସନ ବ୍ରିଜ୍ ତଳ ରାସ୍ତାରେ ବିଶାଳ ଗର୍ତ୍ତ ଓ ଖାଲଖମା ଯୋଗୁଁ ବର୍ଷା ପାଣି ଜମି ରହି ଅନେକ ଦୁର୍ଘଟଣା ଘଟୁଛି। ପ୍ରତିଦିନ ହଜାର ହଜାର ଯାନବାହନ ସେହି ରାସ୍ତା ଦେଇ ଯାଉଥିବାବେଳେ ପୂର୍ବରୁ ଓଭର ବ୍ରିଜ ନିର୍ମାଣ ଚାଲିଥିବା ଯୋଗୁଁ ବ୍ରିଜ୍ ତଳପଟ ରାସ୍ତାରେ ଟ୍ରକ ଓ ଭାରୀଯାନ ଯାତାୟାତ କରୁଥିଲା। ଫଳରେ ରାସ୍ତା ଖଣ୍ଡିଆ ଖାବରା ହୋଇ ମରଣଯନ୍ତା ହୋଇଯାଇଛି। କିନ୍ତୁ ବ୍ରିଜ୍ ନିର୍ମାଣ ସରିବା ପରେ ସେହି ରାସ୍ତାକୁ ଠିକାଦାରମାନେ ମରାମତି କରି ନଥିବା ଅଭିଯୋଗ ହୋଇଛି। ପାଲୁର ଜଙ୍କସନ ଛକକୁ ଗଞ୍ଜାମ ବ୍ଲକ ଓ ପୁରୀ ଜିଲ୍ଲା ରାସ୍ତା ସଂଯୋଗ ହୋଇଛି। ନିକଟସ୍ଥ ଗଞ୍ଜାମ ବ୍ଲକର ୨୨ଟି ପଞ୍ଚାୟତର ଲୋକେ ଚଳପ୍ରଚଳ କରୁଛନ୍ତି। କିନ୍ତୁ ରାସ୍ତାର ଅବସ୍ଥା ଖରାପ ହେବା ଯୋଗୁଁ ପ୍ରତିଦିନ ଦୁଇଚକିଆ ଯାନ ଦୁର୍ଘଟଣାଗ୍ରସ୍ତ ହେଉଛି। ତୁରନ୍ତ ରାସ୍ତା ମରାମତି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଗୋପବନ୍ଧୁ ସେବା ସମିତିର ପ୍ରଥମ ବାର୍ଷିକ ଉତ୍ସବ




**ପାତ୍ରପୁର, ୨୩।୬(ସମିସ):** ଚିକିଟି ଗୋପବନ୍ଧୁ ସେବା ସମିତି ତାର ପ୍ରଥମ ବାର୍ଷିକ ଉତ୍ସବ ପାଳନ କରିଛି। ଏହି ଅବସରରେ ରବିବାର ପୂର୍ବାହ୍ନରେ ଚିକିଟି ବ୍ଲକ ବାହିନୀପତି ସ୍ଥିତ ଗୋପାଳ କୃଷ୍ଣ ସେବାଶ୍ରମଠାରେ ପ୍ରଥମ ବାର୍ଷିକ ଉତ୍ସବ ପାଳନ କରାଯାଇଥିଲା। ଅନୁଷ୍ଠାନର ସଭାପତି ଦେବେନ୍ଦ୍ର କୁମାର ରଣାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଚିକିଟି ବିଇଓ ପନ୍ନଗ ଭୂଷଣ ମାଝୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଥିବା ବେଳେ ମୁଖ୍ୟ ବକ୍ତା ଭାବେ ଓଡ଼ିଶା ହାଇକୋର୍ଟର ଆଇନଜୀବୀ ପ୍ରଶାନ୍ତ କୁମାର ପଣ୍ଡା, ସମ୍ମାନିତ ଅତିଥିଭାବେ ବିଆର୍‌ସିସି ନିଗମାନନ୍ଦ ପଣ୍ଡା, ପ୍ରଧାନ ଶିକ୍ଷକ ସୁଦୀପ୍ତ କୁମାର ପଟ୍ଟନାୟକ, ଉପ ସଭାପତି ଗୋପୀନାଥ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଚଳିତବର୍ଷ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ କୃତିତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦକ ପ୍ରସାଦ କୁମାର ମଲ୍ଲିକ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସମିତି ସଦସ୍ୟ ଗୌତମ ରଣା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଫିରିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମିଳୁନି ୧୦୮ ଆମ୍ବୁଲାନ୍ସ ସେବା

ଫିରିଙ୍ଗିଆ, ୨୩।୬(ସମିସ)




କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବର୍ତ୍ତମାନ ୧୦୮ ଆମ୍ବୁଲାନ୍ସ ସେବା ପ୍ରହସନ ପାଲଟିଛି। ଗୁରୁତର ରୋଗୀ ହେଉ କି ସାଧାରଣ ରୋଗୀ ୧୦୮ ଆମ୍ବୁଲାନ୍ସ କଲ୍ ସେଣ୍ଟରକୁ କଲ କଲେ କେବଳ ସମୟ ପରେ ସମୟ ଦେଉଥିବା ଅଭିଯୋଗ ହୋଇଛି। ଫିରିଙ୍ଗିଆ ବ୍ଲକରେ ଆମ୍ବୁଲାନ୍ସ ସେବା ପାଇଁ ବାରମ୍ବାର ଦାବି ପରେ ଏହି ସେବା ଯୋଗାଇ ଦିଆଯାଇଥିଲା। କିନ୍ତୁ ଆମ୍ବୁଲାନ୍ସ ମିଳିବା ପରେ ମଧ ସମସ୍ୟା ସମାଧାନ ପରିବର୍ତ୍ତେ ବଢ଼ିବାରେ ଲାଗିଛି। କନ୍ଧମାଳ ଜିଲ୍ଲାରେ ଫିରିଙ୍ଗିଆ ବ୍ଲକ ଦ୍ୱିତୀୟ ବୃହତମ ବ୍ଲକ ହୋଇଥିବା ବେଳେ ୨୪ ପଞ୍ଚାୟତ ରହିଛି। ଏହି ବ୍ଲକରେ ୧୦୮ ଆମ୍ବୁଲାନ୍ସ ସେବା ନାମକୁ ମାତ୍ର ଚାଲିଛି। ଅଧିକାଂଶ ରୋଗୀ ନିଜ ଖର୍ଚ୍ଚରେ ଆମ୍ବୁଲାନ୍ସ ଭଡ଼ା କରି କିମ୍ବା ଅଟୋ ହେଉ କି ନିଜ ଗାଡ଼ିରେ ରୋଗୀଙ୍କୁ ଜିଲ୍ଲା ଚିକିତ୍ସାଳୟ ନେଉଥିବାରୁ ଅଞ୍ଚଳରେ ୧୦୮ ଆମ୍ବୁଲାନ୍ସକୁ ନେଇ ଅସନ୍ତୋଷ ପ୍ରକାଶ ପାଉଛି। ୧୦୮ ଆମ୍ବୁଲାନ୍ସ ପାଇଁ ଲୋକେ ଆନ୍ଦୋଳନ ନିମେନ୍ତ ପ୍ରସ୍ତୁତ ହେଉଥିବା ଜଣାପଡ଼ିଛି।

ଏହି ବ୍ଲକରେ ଦୀର୍ଘଦିନରୁ ଏହି ସମସ୍ୟା ଲାଗିରହିଥିବା ବେଳେ ଗତ ୩ ଦିନ ଭିତରେ ଦୁର୍ଘଟଣାରେ ଗୁରୁତର ଆହତ ହୋଇ ପଡ଼ିଥିବା ରୋଗଙ୍କୁ ଆଣିବା ପାଇଁ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ ଲୋକେ। କିନ୍ତୁ କଲ୍ ସେଣ୍ଟର ସମୟ ପରେ ସମୟ ଗଡ଼ାଇବାରୁ ଦୀର୍ଘ ୩ ଘଣ୍ଟା ପରେ ଫିରିଙ୍ଗିଆ ଅଗ୍ନିଶମ ବାହିନୀକୁ ଡାକି ଫିରିଙ୍ଗିଆ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଫୁଲବାଣୀ ଭଡ଼ା ଗାଡ଼ିରେ ନେଇଥିଲେ। ସେହିଭଳି ରବିବାର ସକାଳେ ସାପ କାମୁଡାରେ ଗୁରୁତର ରୋଗୀକୁ ନେବାକୁ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିବାରୁ ସମୟ ପରେ ସମୟ ଗଡ଼ାଇ ଚାଲିଥିଲେ। ଫିରିଙ୍ଗିଆରେ ଆମ୍ବୁଲାନ୍ସ ଥିବା ସତ୍ତ୍ୱେ ନ ଦେଇ ଅନ୍ୟ ଏକ ଜାଗାରୁ ଗାଡି ଆସିବାକୁ କହିଥିଲେ। ୨ ଘଣ୍ଟା ପରେ ଅନ୍ୟ ଏକ ଆମ୍ବୁଲାନ୍ସରେ ଭଡ଼ାରେ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ଗୁରୁତର ସାପ କାମୁଡା ରୋଗୀକୁ ନିଆଯାଇଥିଲା। ଏହା କେବଳ ୨ ଘଟଣା ନୁହେଁ। ବର୍ଷ ବର୍ଷ ଧରି ସମସ୍ୟ ଲାଗି ରହିଥିବା ଲୋକେ କହିଛନ୍ତି। ଏକାଧିକ ରୋଗୀଙ୍କୁ ଆମ୍ବୁଲାନ୍ସ ନ ମିଳିବାରୁ ମୃତ୍ୟୁ ହୋଇଥିବା ମଧ ଅଭିଯୋଗ ହୋଇଛି। ଫିରିଙ୍ଗିଆ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଧିକ ଚିକିତ୍ସା ପାଇଁ ବ୍ୟବସ୍ଥା ନଥିବା ବେଳେ ଡାକ୍ତରଙ୍କ ସମସ୍ୟା ଠାରୁ ବଳି ପଡ଼ିଛି ଆମ୍ବୁଲାନ୍ସ ସମସ୍ୟା ବୋଲି କୁହାଯାଇଛି। ଆମ୍ବୁଲାନ୍ସ ସମସ୍ୟା ଫିରିଙ୍ଗିଆ ଅଞ୍ଚଳରେ ଜଟିଳ ହେବାରେ ଲାଗିଛି। ଲୋକେ ଆନ୍ଦୋଳନ ପାଇଁ ସଜବାଜ ହେଉଛନ୍ତି।

● ଟାଙ୍ଗିଲିରେ ବିକାଶ ରଥକୁ ସ୍ୱାଗତ

# ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ କାର୍ଯ୍ୟକ୍ରମ

**ନୂଆଗଡ଼, ୨୩।୬(ସମିସ):** ଟାଙ୍ଗିଲି ଗ୍ରାମରେ ବିକାଶ ରଥକୁ ସ୍ୱାଗତ ସହିତ ଧରତି ଅବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ମାଳତୀ ପ୍ରଧାନ, ବିଡ଼ିଓ ଲୋକନାଥ ଶବରଙ୍କ ସମେତ ସମସ୍ତ ଲାଇନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ରଥକୁ ସ୍ୱାଗତ ସହ ସଚେତନତା ସଭା, ପରିଚାଳନା ଚକ୍ର, ଜନସମ୍ପର୍କ କାର୍ଯ୍ୟକ୍ରମ ମାଧ୍ୟମରେ ସରକାରଙ୍କ ଦ୍ୱାରା ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର ଭଳି ବିଭିନ୍ନ ଜନହିତକାର ଯୋଜନା ବିଷୟରେ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମ ମାଧ୍ୟମରେ ସରକାରଙ୍କ ଯୋଜନାରୁ ବଞ୍ଚିତ ପରିବାରଙ୍କୁ ବିଭିନ୍ନ ବିଭାଗ ତରଫରୁ ସେବା ଯୋଗାଇ ଦିଆଯାଇଥିଲା। ନୂତନ ହିତାଧିକାରୀଙ୍କୁ




ସ୍ୱାସ୍ଥ୍ୟକାର୍ଡ, ରାସନକାର୍ଡ, ଭତ୍ତା, ଆଧାରକାର୍ଡ, ଗ୍ରାମୀଣଗୃହ ଆଦେଶ ପତ୍ର, ମନରେଗା ଯୋଜନା ଅଧୀନରେ କାର୍ଯ୍ୟ ଆଦେଶ ପତ୍ର, ଜଙ୍ଗଲ ଜମିପଟ୍ଟା, ପିଏମ କିଷାନ, ସିଏମ କିଷାନ ପତ୍ର ବଣ୍ଟନ ବଣ୍ଟନ କରି ଲୋକଙ୍କୁ ଅନେକ ଜନମଙ୍ଗଳକାରୀ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଥିବା ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

